# ଏଫ୍ଏ କପ୍ ସେମିରେ ମାଞ୍ଚେଷ୍ଟର ସିଟି

ଲଣ୍ଡନ୍,୨୯।୬/ଏଜେନ୍ସି: ନ୍ୟୁକ୍ୟାସଲ ୟୁନାଇଟେଡ୍‌କୁ ୨-୦ ଗୋଲରେ ପରାସ୍ତ କରି ମାଞ୍ଚେଷ୍ଟର ସିଟି ଏଠାରେ ଚାଲିଥିବା ଏଫ୍ଏ କପ୍ ଫୁଟବଲ ସେମିଫାଇନାଲରେ ପ୍ରବେଶ କରିଛି । ରବିବାର ଖେଳାଯାଇଥିବା ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ମାଞ୍ଚେଷ୍ଟର ସହଜରେ ଜିତିନେଇଥିଲା ଓ ବିଜୟୀ ଦଳ ପକ୍ଷରୁ କେଭିନ୍ ଡି ବ୍ରୁଇନ୍ ଓ ରହୀମ ଷ୍ଟର୍ଲି ଦୁଇଟି ଚମତ୍କାର ଗୋଲ ସ୍କୋର କରିଥିଲେ । ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ୍ ମାଞ୍ଚେଷ୍ଟର ସିଟି ସହ ଆର୍ସେନାଲର ମୁକାବିଲା ହେବ । ସେହିପରି ଅନ୍ୟ ଏକ ସେମିଫାଇନାଲ ମୁକାବିଲା ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ଚେଲ୍‌ସି ମଧ୍ୟରେ ଅନୁଷ୍ଠିତ ହେବ । ମାଞ୍ଚେଷ୍ଟର ସିଟି ଏବେ ୩ଟି ଟାଇଟଲ ଦୌଡରେ ରହିଛି । ଦଳ ଏବେ ଲିଗ୍ କପ୍ ଜିତିସାରିଥିବା ବେଳେ ଏଫ୍ଏ କପ୍ ଓ ଚାମ୍ପିଅନ୍ସ ଲିଗ୍ ଟାଇଟଲ ଦୌଡ଼ରେ ରହିଛି ।

NITIDIN
Tue, Jun 30, 2020
http://odishanewsnitidin.com